# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19th April - 2026**

**********************************

***Desk***

## ପ୍ରଧାନମନ୍ତ୍ରୀ

ଦେଶର ସ୍ୱାର୍ଥକୁ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଦେଶବାସୀଙ୍କ ଉଦ୍ଦେଶ୍ୟରେ ଗତ ସନ୍ଧ୍ୟାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକ ଅଧିକ ସୁଦୃଢ଼ ଭାବେ କାର୍ଯ୍ୟକାରୀ ହେବ । ମହିଳା ସଂରକ୍ଷଣପାଇଁ ପ୍ରସ୍ତାବିତ ବିଧେୟକ ସଂସଦର ଆବଶ୍ୟକ ସମର୍ଥନ ହାସଲ କରିପାରି ନ ଥିବା ପରିପ୍ରେକ୍ଷୀରେ ଶ୍ରୀ ମୋଦି ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଚନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମହିଳା ସଶକ୍ତୀକରଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି ।

*Desk*

# ସେମିକଣ୍ଡକ୍ଟର - ବୈଷ୍ଣବ

ଅତ୍ୟାଧୁନିକ ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ଦେଶକୁ ବିଶ୍ୱର କେନ୍ଦ୍ରସ୍ଥଳ ଭାବେ ପ୍ରତିଷ୍ଠିତ କରିବାପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରର ଇନ୍‌ଫୋଭ୍ୟାଲି-୨୦ରେ ଏକ ଅତ୍ୟାଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ରକଳ୍ପର ଶିଳାନ୍ୟାସ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କାର୍ଯ୍ୟକ୍ରମରେ ଯୋଗଦେବେ । ୧ ହଜାର ୯୪୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୨ ହଜାର ୫ ଶହ ଜଣ ନିଯୁକ୍ତି ପାଇବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Desk*

# ଯୋଜନା ବୋର୍ଡ଼

ରାଜ୍ୟ ଯୋଜନା ବୋର୍ଡ଼ର ରୂପରେଖ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ନୀତି ଆୟୋଗ ଢାଞ୍ଚାରେ ରାଜ୍ୟରେ State Institute for Informative Initiative - SITI, Odisha ପ୍ରତିଷ୍ଠା କରାଯିବ । ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ସଙ୍କଳ୍ପ ଗତକାଲି ପ୍ରକାଶ ପାଇଛି । ୬ଟି ପ୍ରସଙ୍ଗ ଉପରେ SITI, Odisha

ରାଜ୍ୟ ସରକାରଙ୍କୁ ମାର୍ଗଦର୍ଶନ କରିବ । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଥିବା SITI, Odishaରେ ଜଣେ ଉପାଧ୍ୟକ୍ଷ, ୪ ଜଣ ପୂର୍ଣ୍ଣକାଳୀନ ସଦସ୍ୟ, ୯ ଜଣ Ex-Officio ସଦସ୍ୟ ଏବଂ ୨ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରହିବେ ।

***Puri/R***

# ରତ୍ନଭଣ୍ଡାର – ଗଣତି ମଣତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ବର୍ତ୍ତମାନପାଇଁ ଗତସନ୍ଧ୍ୟାରେ ଶେଷ ହୋଇଛି । ଚତୁର୍ଥ ଦିନରେ ଗତକାଲି ଦୀର୍ଘ ୭ ଘଣ୍ଟା ଧରି ଚାଲିଥିବା ଗଣତି ମଣତି ସନ୍ଧ୍ୟା ୭ଟା ୨୫ ମିନିଟ୍‌ରେ ଶେଷ ହୋଇଥିଲା । ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ୧୯୭୮ ମସିହା ତାଲିକା ସହ ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ମେଳକ ସମ୍ପୂର୍ଣ୍ଣ ଶତ ପ୍ରତିଶତ ହୋଇଛି । ରତ୍ନ ଅଳଙ୍କାରଗୁଡ଼ିକୁ ସୁରକ୍ଷିତ ଭାବେ ୩ଟି ସିନ୍ଦୁକରେ ରଖାଯାଇଛି । ଶ୍ରୀ ପାଢ଼ୀ କହିଛନ୍ତି :

***Voice*** :……

*Ganjam/R*

## ସାମାଜିକ ଭିତ୍ତିଭୂମି ସମୀକ୍ଷା

ଗଞ୍ଜାମ ଜିଲ୍ଲାରେ ସାମାଜିକ ଭିତ୍ତିଭୂମିର ଉନ୍ନତିପାଇଁ କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡ଼ିକର ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କ୍ଷେତ୍ରରେ ଜିଲ୍ଲାବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ନେଇ ଆଲୋଚନା ହୋଇଛି । ଗଞ୍ଜାମକୁ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢ଼ିତୋଳିବାପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ବୈଠକରେ ମତବିନିମୟ ହୋଇଥିଲା ।

*Nayagarh/R*

## ପୋଷଣ ପକ୍ଷ

ନୟାଗଡ଼ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୋଷଣ ପକ୍ଷ ପାଳନର ଗୁରୁତ୍ୱ ସମ୍ପର୍କରେ ଜନ ସଚେତନତା ବୃଦ୍ଧି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

*Bolangir/R*

# ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ

ବଲାଙ୍ଗିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ତୃତୀୟ ଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଶକ୍ତୀକରଣ ଲକ୍ଷ୍ୟ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଜୀବିକା ମିଶନ ଏବଂ ସାଥୀ ସଙ୍ଗଠନର ମିଳିତ ସହଯୋଗରେ ଆୟୋଜିତ କର୍ମଶାଳାରେ ତୃତୀୟ ଲିଙ୍ଗୀଙ୍କ ସାମାଜିକ ସୁରକ୍ଷା, କର୍ମଯୋଗାଣ ସୁଯୋଗ ଏବଂ ଓଡ଼ିଶା ଜୀବିକା ମିଶନର ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା ହୋଇଛି ।

*Malkangiri/R*

# ମେଧାବୀ ଛାତ୍ରଛାତ୍ରୀ - ସମ୍ବର୍ଦ୍ଧିତ

ମାଲକାନଗିରି ଜିଲ୍ଲାରେ ସି.ବି.ଏସ୍.ଇ. ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୨୮ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ କହିଛନ୍ତି, ଆକାଂକ୍ଷୀ ଜିଲ୍ଲାର ଛାତ୍ରଛାତ୍ରୀ ଜାତୀୟ ସ୍ତରୀୟ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରିବା ଜିଲ୍ଲାବାସୀଙ୍କପାଇଁ ଗର୍ବର ବିଷୟ ।

*Desk*

# ବିଶ୍ୱ ଯକୃତ ଦିବସ

ଯକୃତର ଉପଯୁକ୍ତ ଯତ୍ନ ନେବା ଏବଂ ଏହାର ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଯକୃତ ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'କଠିନ ଅଭ୍ୟାସ : ଦୃଢ଼ ଯକୃତ' ।

*Nabarangpur/R*

# ଅଂଶୁଘାତ ମୁକାବିଲା

ନବରଙ୍ଗପୁର ଜିଲ୍ଲାରେ ଗ୍ରୀଷ୍ମପ୍ରକୋପକୁ ଦୃଷ୍ଟିରେ ରଖି ଅଂଶୁଘାତ ମୁକାବିଲାପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଅଂଶୁଘାତ ସମ୍ପର୍କରେ ସଚେତନତା ବୃଦ୍ଧି ସହ ଆବଶ୍ୟକ ଔଷଧ ଓ ଚିକିତ୍ସା ସୁବିଧା ଉପଲବ୍ଧ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ପର୍ଯ୍ୟାପ୍ତ ପରିମାଣର ଓ.ଆର୍.ଏସ୍. ମହଜୁଦ ରଖିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

*****